# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

## ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ୨ ଦିନିଆ ଅନୁଗୋଳ ଗସ୍ତ

ଅନୁଗୋଳ,୨୨।୪(ଦିବ୍ୟଶାନ୍ତନୁ ନାଥ)/ ବଣ୍ଟାଁରପାଳ (ସୁବାସ ସାହୁ)


ବୈଠକରେ ରାଜ୍ୟ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ, ଜିଲାପାଳ ଓ ଅନ୍ୟମାନେ।

ରାଜ୍ୟ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ୨ ଦିନିଆ ଅନୁଗୋଳ ଜିଲା ଗସ୍ତକରି ବୁଧବାର ପ୍ରଥମ ଦିନରେ ବିଭିନ୍ନ ଜନହିତକର ଯୋଜନା ଓ ପ୍ରକଳ୍ପର କ୍ଷେତ୍ର ପରଦର୍ଶନ ସହ ସମୀକ୍ଷା କରିଛନ୍ତି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ପାନୀୟ ଜଳ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟକୁ ସେ ତଦାରଖ କରିଛନ୍ତି। ସଚିବଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଉପସ୍ଥିତ ରହି ସହଯୋଗ କରିଥିଲେ।

ପ୍ରମୁଖ ଶାସନ ସଚିବ ଶର୍ମା ପୂର୍ବାହ୍ନରେ ବଣ୍ଟାଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ମେଡିକାଲ କର୍ମଚାରୀଙ୍କ ରହିବା ପାଇଁ ନୂତନ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଗୋତମରାସ୍ଥିତ ମେଗା ଉଠା ଜଳସେଚନ ପ୍ରକଳ୍ପର 'ଇନ୍‌ଟେକ ୱେଲ୍' କାର୍ଯ୍ୟର ସମୀକ୍ଷା କରି ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମଧ୍ୟାହ୍ନରେ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବଣ୍ଟାଁରପାଳ ସେବାଶ୍ରମ ଏବଂ ହଷ୍ଟେଲ ପରିଦର୍ଶନ କରି ସେଠାକାର ପରିମଳ ବ୍ୟବସ୍ଥା ଓ ଡିଏମ୍‌ଏଫ୍ ଅନୁଦାନରେ ପ୍ରଦାନ କରାଯାଉଥିବା ଖାଦ୍ୟ ଯୋଜନାର ପ୍ରଶଂସା କରିଥିଲେ। ଆଲୁମିନିୟମ ପାର୍କ ପରିଦର୍ଶନ କରି ଉତ୍ପାଦନ ଓ ବଜାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କୁଲାଡ଼ଠାରେ ନୂତନ ଭାବେ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ପରିଦର୍ଶନ କରି ଖେଳପଡ଼ିଆର ଉନ୍ନତୀକରଣ ପାଇଁ ପରାମର୍ଶ ଦେଇଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କାର୍ଯ୍ୟ ଶୀଘ୍ରଶେଷ କରି ମେଡିକାଲ ଅଫିସରଙ୍କୁ ସେଠାରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତୁରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ଭ୍ରମଣ କରି ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ସହ ସଚିବ ଆଲୋଚନା କରିଥିଲେ। ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ହିଡସିଂହ ଏବଂ ମାଙ୍କଡ଼ା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିବା ସହ ଜିଲାର ଜଳକିଷ୍ଟ ଅଞ୍ଚଳରେ ତୁରନ୍ତ ଭୂତଳ ଜଳ ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଶୌଚାଳୟ ଏବଂ ବିଦ୍ୟୁତ୍ ସଂଯୋଗ ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଣ୍ଟାଁରପାଳସ୍ଥିତ ଅନ୍ୱେଷା ହଷ୍ଟେଲରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ଟିପିସିଓଡିଏଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମଦନ ମୋହନ ପ୍ରଧାନ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# 'ଶ୍ରେଷ୍ଠ ପ୍ରଦର୍ଶନର ଶ୍ରେୟ ସମସ୍ତଙ୍କର'


ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥିମାନେ।

କଣିହାଁ,୨୨।୪(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପସ୍ଥିତ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଏହାର ୩୧ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଓଏଚ୍‌ପିସିର ଅବସରପ୍ରାପ୍ତ ନିର୍ଦ୍ଦେଶକ ଜଗନ୍ନାଥ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରେଙ୍ଗାଳି ୟୁନିଟ୍‌ର ବରିଷ୍ଠ ସାଧାରଣ ପରିଚାଳକ ସରୋଜ କୁମାର ବହିଦାର ସଭାପତିତ୍ୱ କରିବା ସହ ରେଙ୍ଗାଳି ୟୁନିଟ୍ ସମଗ୍ର ରାଜ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ପାଇଥିବାରୁ ଏହା ସମସ୍ତଙ୍କର ଶ୍ରେୟ ବୋଲି କହିଥିଲେ। ଚଳିତବର୍ଷ ରେଙ୍ଗାଳି ୟୁନିଟ୍ ରେକର୍ଡ ୧୦୦୩ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବା ସହ ୧୦୩ କୋଟି ଟଙ୍କାର ରାଜସ୍ୱ ଲାଭ କରିଥିବା ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ନିର୍ଦ୍ଦେଶକ ମନୋରଞ୍ଜନ ମିଶ୍ର, ପୂର୍ବତନ ୟୁନିଟ୍ ହେଡ୍ ରଞ୍ଜନ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଶ୍ୱେତା ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ପାୱାର ପ୍ରୋଜେକ୍ଟ ୱାର୍କର୍ସ ୟୁନିୟନ ସଭାପତି ଧ୍ରୁବ ଚରଣ ଧୀର ଓ ଓଏଚ୍‌ପିସି ଏମ୍ପ୍ଲୋଇଜ ୟୁନିୟନ ସଭାପତି ପ୍ରମୋଦ ବେହେରାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ମାନବ ସମ୍ବଳ ଅଧିକାରୀ ଆଶିଷ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ପୋଲିସ ଏସ୍‌ଆଇଙ୍କ ଅକାଳ ବିୟୋଗ

ବଣ୍ଟାଁରପାଳ,୨୨।୪(ସୁବାସ ସାହୁ)


ସନାତନ ମହାରଣା।

ଦେବଗଡ଼ ଜିଲା ବାରକୋଟ ଥାନା ଏସ୍‌ଆଇ ତଥା ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ନାଲ୍‌କୋ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ବେଡ଼ାପାଳ ଗ୍ରାମର ସନାତନ ମହାରଣା(୫୭)ଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଏସ୍‌ଆଇ ମହାରଣା ଅନୁଗୋଳକୁ ଡ୍ୟୁଟିରେ ଆସିଥିଲେ। ରବିବାର ନିଜ କାର୍ଯ୍ୟସ୍ଥଳ ବାରକୋଟ ଫେରୁଥିବାବେଳେ ଖମାର ଅଞ୍ଚଳରେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଖମାର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ନାଲ୍‌କୋ ଚିକିତ୍ସାଳୟକୁ ଅଣାଯାଇଥିଲା। ବୁଧବାର ମଧ୍ୟାହ୍ନରେ ନାଲ୍‌କୋ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ପୋଲିସ ସହକର୍ମୀ, କଲୋନୀବାସୀ ଓ ପରିଚିତଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ସରସ୍ୱତୀ ମହାରଣା, ଝିଅ ଶୁଭଲକ୍ଷ୍ମୀ ମହାରଣା, ଜ୍ୱାଇଁ ଦିବ୍ୟ ପ୍ରକାଶ ଓଝା ଓ ସାନଭାଇ କାଳିଆ ମହାରଣା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସନାତନ ଦୀର୍ଘବର୍ଷ ଧରି ଅନୁଗୋଳ ଓ ନାଲ୍‌କୋ ଥାନାରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ଜଣେ ମେଳାପୀ, କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ଭାବେ ପରିଚିତ ଥିଲେ।

# ବଢ଼ୁଛି ତାତି, ୪୩ ଡିଗ୍ରୀ ଛୁଇଁଲା ଅନୁଗୋଳ

## ଲଗାତର ୩ ଦିନ ଧରି ତାପମାତ୍ରାରେ ବୃଦ୍ଧି

ଅନୁଗୋଳ,୨୨।୪(ଦିବ୍ୟଶାନ୍ତନୁ ନାଥ)

କିଛିଦିନ ହେଲା ଅନୁଗୋଳରେ ଅସହ୍ୟ ତାତି ଅନୁଭୂତ ହେଉଥିବାବେଳେ ଦିନକୁ ଦିନ ପାରଦ ଉପରମୁହାଁ ହେଉଛି। ବୁଧବାର ଅନୁଗୋଳରେ ତାପମାତ୍ରା ୪୩.୧ ଡିଗ୍ରୀ ଛୁଇଁଛି। ମଙ୍ଗଳବାର ୪୨.୨ ଡିଗ୍ରୀ ଥିବାବେଳେ ସୋମବାର ୪୧.୬ ଡିଗ୍ରୀ ରହିଥିଲା। ବୁଧବାର ଚଳିତ ବର୍ଷର ସମସ୍ତ ରେକର୍ଡ ଭାଙ୍ଗି ତାତି ୪୩ ଡିଗ୍ରୀ ଅତିକ୍ରମ କରିଥିବାରୁ ମଧ୍ୟାହ୍ନରେ ଅଗ୍ନିବର୍ଷା ହେଲା ଭଳି ଲୋକେ ଅନୁଭବ କରିଥିଲେ। ଟାଣ ଖରାକୁ ତତଲା ପବନ ମୁହଁ, ଦେହ ସିଝେଇ ଦେଉଥିଲା।

ସକାଳ ୮ଟାରୁ ତାତି ଅନୁଭବ ହୋଇଥିଲା। ପୂର୍ବାହ୍ନ ୧୦ଟା ପରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଏମିତି କି ବ୍ୟସ୍ତବହୁଳ ଶିଳ୍ପ ନଗରୀ ଅନୁଗୋଳର ରାସ୍ତା ଖାଁ ଖାଁ ହୋଇଯାଇଥିଲା। ଲୋକେ ଅପ୍ରସ୍ତୁତ ଭାବେ ଘରୁ ବାହାରି ଆସିଥିବାରୁ କଲବଲ ହୋଇପଡ଼ିଥିଲେ। ମଧ୍ୟାହ୍ନରେ ପାରଦ ୪୩ ଡିଗ୍ରୀ ଛୁଇଁବା ପରେ ସହର ମଧ୍ୟରେ ଥିବା ଦୋକାନ ବଜାର ବନ୍ଦ ହୋଇଯାଇଥିଲା। ଗଳିକନ୍ଦିର ଅଧିକାଂଶ ରାସ୍ତା ମଧ୍ୟ ଜନଶୂନ୍ୟ ହୋଇଯାଇଥିଲା। କିଛିଲୋକ ଛତା ଧରି ଯାଉଥିଲାବେଳେ ଅଧିକାଂଶ ମୁହଁରେ ଓଢ଼ଣି, ରୁମାଲ, ଗାମୁଛା ବାନ୍ଧି ଯାଉଥିଲେ। ପାଣିପାଗ କେନ୍ଦ୍ର ଆକଳନ କହୁଛି, ଆହୁରି ୨ଦିନ ଏପରି ପାଗ ରହିବ। ଅର୍ଥାତ୍ ଆଗାମୀ ୨ ଦିନ ଯାଏ ତାତିରୁ ନିସ୍ତାର ନାହିଁ। ଅନ୍ୟପକ୍ଷରେ ତାଳଚେରର କୋଇଲା ଖଣି ଓ କଳ କାରଖାନା ପାଇଁ ଅନୁଗୋଳରେ ତାପମାତ୍ରାରେ ଏପରି ବୃଦ୍ଧି ଘଟୁଥିବା କୁହାଯାଉଥିବାବେଳେ ଆଦ୍ରଭୂମି ହ୍ରାସ ମଧ୍ୟ ଏହାର ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ବୁଦ୍ଧିଜୀବୀମାନଙ୍କ କହିବା ଅନୁଯାୟୀ, ସହର ମଧ୍ୟରେ ପୂର୍ବରୁ ଥିବା ଫାଙ୍କା ସ୍ଥାନଗୁଡ଼ିକରେ ଜଳଜମି ରହୁଥିବା କାରଣରୁ ଏହିସବୁ ସ୍ଥାନ ତାପମାତ୍ରାକୁ ଶୋଷଣ କରିନେଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ସେଠାରେ କୋଠାବାଡ଼ି ଗଢ଼ି ଉଠିଲାଣି। ଏପରିକି ଅନେକ ସ୍ଥାନରେ ଥିବା ଜଳାଶୟ ଓ ପାଣିମାହାରାଗୁଡ଼ିକ ପୋତି ସରକାରୀ ନିର୍ମାଣ ଆରମ୍ଭ ହୋଇଛି। ଏହିସବୁ କାରଣଗୁଡ଼ିକରୁ ଅହେତୁକ ତାପମାତ୍ରା ବୃଦ୍ଧି ହେଉଛି।

# ହାତୀ-ମଣିଷ ଲଢ଼େଇ ରୋକିବ 'ହାଇମାଷ୍ଟ ଲାଇଟ'

## ଅନୁଗୋଳ ବନଖଣ୍ଡର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଅନୁଗୋଳ,୨୨।୪(ଦିବ୍ୟଶାନ୍ତନୁ ନାଥ)



ହାତୀ-ମଣିଷ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ଅନୁଗୋଳ ବନଖଣ୍ଡ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବନ୍ୟଜନ୍ତୁ ଓ ମଣିଷଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନଖଣ୍ଡର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ 'ହାଇମାଷ୍ଟ ଲାଇଟ' ସ୍ଥାପନ କରାଯାଉଛି। ରାତି ସମୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଏହାର ମୂଳ ଲକ୍ଷ୍ୟ। ଏହି ବ୍ୟବସ୍ଥାରେ ୬ଟି ଶକ୍ତି-ସଞ୍ଚୟକାରୀ ଏଲ୍‌ଇଡି ଲାଇଟ ବ୍ୟବହାର କରାଯାଇଛି, ଯାହା ୩୦ ଫୁଟ୍‌ରୁ ଅଧିକ ଉଚ୍ଚତାରେ ଲଗାଯାଇଛି। ଏହା ବ୍ୟାପକ ଅଞ୍ଚଳକୁ ଆଲୋକିତ କରିବା ସହ ଜଙ୍ଗଲ କଡ଼ରେ ଥିବା ଗାଁଗୁଡ଼ିକରେ ଦୃଶ୍ୟମାନତା ବୃଦ୍ଧି କରିବ। ଫଳରେ ହାତୀମାନେ ଜନବସତି ମୁହାଁହେଲେ ସ୍ଥାନୀୟ ଲୋକେ ଓ ବନ କର୍ମଚାରୀମାନେ ପୂର୍ବରୁ ସତର୍କ ହୋଇପାରିବେ। ଏହି ଆଧୁନିକ ବ୍ୟବସ୍ଥା ନିଶ୍ଚିତ ଭାବେ ଉଭୟ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସହଭାଗିତା ଏବଂ ସୁରକ୍ଷା ବଜାୟ ରଖିବାରେ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଆମ୍ବସରମୁଣ୍ଡା ଜଙ୍ଗଲରୁ ବେଆଇନ ଗଛକଟା

ବଇଣ୍ଡା,୨୨।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ଆମ୍ବସରମୁଣ୍ଡା ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡିଛି। ଏହି ଜଙ୍ଗଲରୁ ବେଆଇନ ଭାବେ କାଠ କଟାଯାଇ ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଧଣ୍ଡାତୋପା ରେଞ୍ଜ ନିକଟସ୍ଥ ଏହି ଜଙ୍ଗଲରେ ସକ୍ରୀୟ ହୋଇପଡ଼ିଥିବା କାଠଚୋରଙ୍କୁ ରୋକା ନ ଗଲେ ଆଗାମୀ ଦିନରେ ଜଙ୍ଗଲ ପଦା ହୋଇଯିବା ଆଶଙ୍କା କରାଯାଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟରେ ସ୍ଥାନୀୟ ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ଅଞ୍ଚଳର ଯୁବଗୋଷ୍ଠୀ ମଙ୍ଗଳବାର ଆଠମଲ୍ଲିକ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଯୁବଗୋଷ୍ଠୀ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ବନଖଣ୍ଡରେ ଥିବା ଏହି ଜଙ୍ଗଲରେ ୧୯୯୪ ମସିହାରେ ରାଜ୍ୟ ସରକାର, ବନ ବିଭାଗ ପକ୍ଷରୁ ମିଳିତ ଭାବେ ୭ ହଜାର ୭୭୫ ଶାଳ, ଶାଗୁଆନ, ଶିଶୁ ଭଳି ମୂଲ୍ୟବାନ ଚାରା ଲଗାଯାଇଥିଲା। ସେହି ଗଛଗୁଡିକ ବଡ଼ ହୋଇଯାଇଥିବା ଯୋଗୁ ଜଙ୍ଗଲ ଘଞ୍ଚ ହୋଇଯାଇଛି। ଫଳରେ ଏହା ଉପରେ କାଠଚୋରଙ୍କ ନଜର ପଡିଛି। ବିଳମ୍ବିତ ରାତିରେ କରତ ସାହାଯ୍ୟରେ ଗଛଗୁଡିକୁ କଟାଯାଇ ଜଙ୍ଗଲର ଗୁପ୍ତ ସ୍ଥାନରେ ରଖିବା ପରେ ପଟା ପ୍ରସ୍ତୁତ କରି ଚାଲାଣ କରାଯାଉଛି। ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି କାଠ ମାଫିଆମାନେ ଏହି କାରବାର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ ରାତ୍ରି ପାଟ୍ରୋଲିଂ କରୁ ନ ଥିବା ଯୋଗୁ ନିରାପଦରେ କାଠମାଫିଆମାନେ ଗଛ କାଟୁଛନ୍ତି। ତୁରନ୍ତ ଏଥିପ୍ରତି ବନ ବିଭାଗ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କହିଛନ୍ତି, ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯାଉଛି।

# ଜଳସେଚିତ ଜମିରେ ଶିଳ୍ପ ପ୍ରତିଷ୍ଠା ନିଷ୍ପତ୍ତିକୁ ବିରୋଧ

ବଇଣ୍ଡା, ୨୨।୪ (ପରିକ୍ଷିତ ସାହୁ)

ଜଳସେଚିତ ଚାଷ ଜମିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବୁଧବାର ତୀବ୍ର ବିରୋଧ କରାଯାଇଛି। ଏ ନେଇ ଏକ ପ୍ରେସ୍ ଇସ୍ତାହାରରେ କମିଟି ପକ୍ଷରୁ କୁହାଯାଇଛି, ସ୍ୱାଧୀନତାର ୭୮ ବର୍ଷ ପରେ ବି ରାଜ୍ୟର ସମସ୍ତ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇପାରି ନାହିଁ। ଯେଉଁ ସ୍ୱଳ୍ପ ପରିମାଣର ଜଳସେଚିତ ଚାଷ ଜମି ରହିଛି, ତାହାକୁ ଶିଳ୍ପ ପ୍ରତିଷ୍ଠା ପାଇଁ ହସ୍ତାନ୍ତର କରାଗଲେ ବହୁ କୃଷିଜୀବୀ ଜୀବିକା ହରାଇବା ସହିତ ଗୁରୁତର ଖାଦ୍ୟ ସଙ୍କଟ ଦେଖାଦେବ। ସରକାରଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଜନସ୍ୱାର୍ଥ ବିରୋଧୀ। କିଶୋରନଗର ଅଞ୍ଚଳର ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଦୀର୍ଘବର୍ଷ ଧରି ଦାବି କରାଯିବା ସତ୍ତ୍ୱେ ସରକାର ପଦକ୍ଷେପ ନେଉନାହାନ୍ତି। ଶିଳ୍ପ ପ୍ରତିଷ୍ଠା ପାଇଁ ଯେତିକି ଜଳସେଚିତ ଚାଷ ଜମି ଅଧିଗ୍ରହଣ ହେବ, ସେତିକି ଅଣଜଳସେଚିତ ଚାଷ ଜମିକୁ ଜଳସେଚନ ପାଇଁ ଶିଳ୍ପସଂସ୍ଥା ପାଣ୍ଠି ପ୍ରଦାନ କରିବା ଧର୍ମକୁ ଆଖିଠାର ସଦୃଶ ବୋଲି କମିଟି ପକ୍ଷରୁ କୁହାଯାଇଛି। କେବଳ ଜଳସେଚିତ ଚାଷ ଜମି ନୁହେଁ, ଉର୍ବର ଚାଷ ଜମି ଓ ପ୍ରାକୃତିକ ଜଙ୍ଗଲ ଜମିରେ ଶିଳ୍ପ ପ୍ରତିଷ୍ଠାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ସଭାପତି ଦୀନବନ୍ଧୁ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ରମଣିରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ସାହୁ ପ୍ରମୁଖ ଜଣାଇଛନ୍ତି।

# ମା' ବିମଳା, ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା, କଳସ ଶୋଭାଯାତ୍ରା


କଳସ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି।

ବଇଣ୍ଡା,୨୨।୪ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ବୁଧବାର ମା' ବିମଳା ଓ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଏକ କଳସ ଯାତ୍ରା ଆୟୋଜିତ ହୋଇଥିବା ବେଳେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ପରେ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ କଳସ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୁରୋଧା ଭାବେ ପଣ୍ଡିତ ଅଶୋକ ମିଶ୍ର, ରିଙ୍କୁଲାଲ ମିଶ୍ର, ପ୍ରଶାନ୍ତ ମହାପାତ୍ର, ରୁଦ୍ର ମୋହନ ମିଶ୍ର ଓ ନିର୍ମଳ ମିଶ୍ର ପୂଜା ପରିଚାଳନା କରୁଛନ୍ତି। ମୁଖ୍ୟ କର୍ତ୍ତା ଭାବେ ବିଶ୍ୱରଞ୍ଜନ ଦେଓ ଓ ଭନ୍ତାଚାରୁ ଦେଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ମନ୍ଦିର ପରିଚାଳନା କମିଟି ସଦସ୍ୟ ଶତ୍ରୁଘ୍ନ ସାହୁ, ସନ୍ତୋଷ କୁମାର ସାହୁ, ବସନ୍ତ କୁମାର ସାହୁ, ସୁରିଆ ସାହୁ, ସୁଜିତ କୁମାର ଦେହୁରୀ, ମନୋଜ କୁମାର ରାଉତ, ଅଶ୍ୱିନୀ କୁମାର ଖୁଣ୍ଟିଆ, ଲିଟୁ ରାଉତ ଓ ସତ୍ୟବ୍ରତ ସେନାପତି ପ୍ରମୁଖ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଠାକୁରଗଡ଼ ଥାନା ଅଧିକାରୀ ଶଶି ଭୂଷଣ ବେହେରା, ମନୋଜ କୁମାର ବେହେରା, କେଶବ ସାହୁ, ଯଶବନ୍ତ ନାୟକ ଓ ହାବିଲଦାର ଦେବେନ୍ଦ୍ର କୁମାର ସାହୁ ଉପସ୍ଥିତ ରହିଛନ୍ତି।

# ଗ୍ରାମବାସୀଙ୍କୁ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ସନ୍ତ୍ରୀଛକ,୨୨।୪(ସନ୍ତୋଷ ପରିଡ଼ା)


ସମସ୍ୟା ସମ୍ପର୍କରେ ଅଭିଯୋଗ କରିବାକୁ ଆସିଥିବା ମହୀଧରପୁର ଗ୍ରାମବାସୀ।

ଅନୁଗୋଳ ଜିଲା ମହୀଧରପୁର ଏବଂ ଆଖପାଖ ଅଞ୍ଚଳରେ ଅହେତୁକ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲ୍‌ଟେଜ୍ ଯୋଗୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ମହୀଧରପୁର ଗ୍ରାମବାସୀ ହିନ୍ଦୋଳ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ମୁଖ୍ୟଯନ୍ତ୍ରୀ ମାନସ ରଞ୍ଜନ ବେହେରାଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନବେଳେ ସମ୍ପୃକ୍ତ ଯନ୍ତ୍ରୀ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏପରି କି ଅଭିଯୋଗପତ୍ର ରଖି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ପରେ ମହୀଧରପୁର ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଞ୍ଚଳବାସୀ ବିଦ୍ୟୁତ୍ ଅଫିସ ଘେରାଉ କରିବେ ବୋଲି ଆନନ୍ଦ କୁମାର ସାହୁ, ବିନୋଦ କୁମାର ବେହେରା, ସଞ୍ଜୟ କୁମାର ସାହୁ, ଶିଶିର କୁମାର ପାଳ, ଜଗନ ବିଶ୍ୱାଳ, ଅନିଲ କୁମାର ନାୟକ, ରୁଦ୍ରନାରାୟଣ ପ୍ରଧାନ, ବିନୋଦ କୁମାର ସାହୁ, ମହେନ୍ଦ୍ର ଜେନା, ଉପେନ୍ଦ୍ର ଜେନା, ଅଭୟ କୁମାର ସାହୁ, ହିମାଂଶୁ ଭୂଷଣ ପ୍ରଧାନ, ରଞ୍ଜନ କୁମାର ସାହୁ, ପ୍ରସନ୍ନ କୁମାର ଜେନା, ମାନସ କୁମାର ସାହୁ, ଅଶୋକ କୁମାର ସାହୁ, ଚକ୍ରଧର ନାୟକ, ନିରୋଦ କୁମାର ନାୟକ, ବୁଲା ବେହେରା, ବିଜନ ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ବେହେରା କହିଛନ୍ତି, ଅଭିଯୋଗ ଆଣି ଆସିଥିବା ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରାଯାଇ ନାହିଁ। ଦାବିପତ୍ର ରଖାଯିବା ସହ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯିବ।

# ସରଳ ଜୀବନଯାପନ ଦ୍ୱାରା ସୁସ୍ଥ ପରିବେଶ ସମ୍ଭବ

ଅନୁଗୋଳ,୨୨।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ଫୁଲପଡ଼ା ସ୍ଥିତ ଆବାସିକ ବିଦ୍ୟାଳୟ ପ୍ରଜ୍ଞାଜାଗୃତି ଶିକ୍ଷା ନିକେତନ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ସୁଶାନ୍ତ ତ୍ରିପାଠୀ, ପ୍ରଧାନ ଆଚାର୍ଯ୍ୟା ସଂଘମିତ୍ରା ଗଡ଼ନାୟକ ଏବଂ ସହକାରୀ ଆଚାର୍ଯ୍ୟା ଆଚର୍ଯ୍ୟମାନେ ପ୍ରଜ୍ଞାଜାଗୃତି ଆବାସିକ ଗୃହର ଛାତ୍ରୀଛାତ୍ରଙ୍କୁ ଜଳବାୟୁ ପରିବର୍ତ୍ତନ, ଏହାର କାରଣ, ବର୍ତ୍ତମାନ ସମୟର ବିଭିନ୍ନ ପରିବେଶ ସଙ୍କଟ, ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ ଏବଂ ଦୈନନ୍ଦିନ ଜୀବନରେ ପରିବେଶ ଉପଯୋଗୀ ସରଳ ଜୀବନଯାପନ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷା ଦିନରେ ନିଜ ବାଡ଼ିରେ ଚାରାରୋପଣ, ବର୍ଷସାରା ଚାରାର ଯତ୍ନ, ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଭଳି ଅନେକ ପରିବେଶଧର୍ମୀ କାର୍ଯ୍ୟ ଆପଣାଇବାକୁ ପରାମର୍ଶ ଦେଇଥିଲେ।

# ଅନୁଗୋଳ ଜିଲାରେ 'ସକ୍ଷମ' ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ସମ୍ପନ୍ନ


ସକ୍ଷମ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଅବସରରେ ଅଭିଭାବକ-ଶିକ୍ଷକ ବୈଠକ।

ଅନୁଗୋଳ,୨୨।୪(ଦିବ୍ୟଶାନ୍ତନୁ ନାଥ)/ ବଇଣ୍ଡା (ପରିକ୍ଷିତ ସାହୁ)/ ବଣ୍ଟାଁରପାଳ (ସୁବାସ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ଜିଲାରେ ଶିକ୍ଷା କ୍ଷେତ୍ରରେ ଏକ ଅଭିନବ ପ୍ରୟାସ ସକ୍ଷମ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅଭିଯାନ ଅଧୀନରେ ଜିଲାର ସମସ୍ତ ୮ଟି ବ୍ଲକରେ ପ୍ରଥମ ପର୍ଯ୍ୟାୟ ଅଭିଭାବକ-ଶିକ୍ଷକ ବୈଠକ ସଫଳତାର ସହ ସମ୍ପନ୍ନ ହୋଇଛି। ବୈଠକରେ ପ୍ରଥମଥର ପାଇଁ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଫଳାଫଳ ଆଧାରିତ ସ୍କୁଲସ୍ତରର ରିପୋର୍ଟ କାର୍ଡ ସିଧାସଳଖ ଅଭିଭାବକମାନଙ୍କୁ ପ୍ରଦାନ କରାଯାଇଛି। ଜିଲାର ସମସ୍ତ ୧୩୬୨ଟି ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୫ମ ଓ ୮ମ ଶ୍ରେଣୀରେ ପଢୁଥିବା ପ୍ରାୟ ୩୦ ହଜାର ଛାତ୍ରୀଛାତ୍ରଙ୍କ ଅଭିଭାବକ ଏହି ବୈଠକରେ ଯୋଗ ଦେଇଥିଲେ।

ପ୍ରକାଶ ଯେ, ଏହି ସକ୍ଷମ ମୂଲ୍ୟାଙ୍କନ ଏକ ଦକ୍ଷତା-ଆଧାରିତ ଛାତ୍ରୀଛାତ୍ରଙ୍କ ମୂଲ୍ୟାଙ୍କନ ପ୍ରଣାଳୀ, ଯାହାର ଲକ୍ଷ୍ୟ ହେଉଛି ଛାତ୍ରୀଛାତ୍ରମାନେ ନିଜ ଶ୍ରେଣୀ ଅନୁଯାୟୀ ଆବଶ୍ୟକ ମୂଳ ଧାରଣାଗୁଡ଼ିକ ବାବଦରେ କେତେଦୂର ଅବଗତ ଅଛନ୍ତି ସେ ସମ୍ପର୍କରେ ଯାଞ୍ଚ କରିବା ଏବଂ ସେହି ଅନୁଯାୟୀ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବୈଷୟିକ ପରାମର୍ଶ ଓ ତାଲିମ ଯୋଗାଇଦେବା। ଏହି କାର୍ଯ୍ୟକ୍ରମରେ ଅଭିଭାବକମାନଙ୍କୁ ସରଳ ଏବଂ ସହଜରେ ବୁଝିପାରିବା ଭଳି ରିପୋର୍ଟ କାର୍ଡ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସମସ୍ତ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତ୍, ଅଭିଭାକଙ୍କ ସହଯୋଗ କାମନା କରିଛନ୍ତି। 'ସକ୍ଷମ' ଶିକ୍ଷା ବ୍ୟବସ୍ଥାରେ ଦାୟିତ୍ୱବୋଧକୁ ଦ୍ୱିଗୁଣିତ କରିବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି।

